# NATIONAL NEWS BULLETIN (ODIA)

**29 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏକ ବଡ଼ ଆବଶ୍ୟକତା ଓ ସରକାର ସମସ୍ତ ଗ୍ରାମକୁ ଡିଜିଟାଲ୍ ସୁବିଧା ପ୍ରଦାନ କରୁଛନ୍ତି ।

- ଟେଲି ଯୋଗାଯୋଗ ବିଭାଗ ଧମକପୂର୍ଣ୍ଣ କଲ୍ ଗୁଡ଼ିକ ବିଷୟରେ ଜଣାଇବାକୁ ଲୋକମାନଙ୍କୁ ପରାମର୍ଶ ଜାରି କରିଛି ।

- ତେଲଙ୍ଗାନା ଫୋନ୍ ଟ୍ୟାପିଙ୍ଗ୍ ମାମଲାରେ କିଛି ପୋଲିସ୍ ଅଫିସରଙ୍କୁ ଜେରା କରାଯାଉଛି ।

- ଆଜି ସମଗ୍ର ବିଶ୍ୱରେ ଗୁଡ୍ ଫ୍ରାଇଡେ ପାଳିତ ହେଉଛି ।

ଏବଂ

- ଅପରାଧୀରୁ ରାଜନୈତିକ ନେତା ରହିଥିବା ମୁକ୍ତାର ଅନ୍‌ସାରୀଙ୍କର ଉତ୍ତରପ୍ରଦେଶର ବାନ୍ଦା ମେଡ଼ିକାଲ କଲେଜ ହସ୍ପିଟାଲରେ ଗତରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି ।

# ପିଏମ୍ ବିଲ୍ ଗେଟ୍‌ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏକ ବଡ଼ ଆବଶ୍ୟକତା ଓ ସରକାର ସମସ୍ତ ଗ୍ରାମକୁ ଡିଜିଟାଲ୍ ସୁବିଧା ପ୍ରଦାନ କରୁଛନ୍ତି । ମାନବ ହୈତେଷୀ ବିଲ୍ ଗେଟ୍‌ସ ଙ୍କ ସହ ବାର୍ତ୍ତାଳାପ ସମୟରେ ଶ୍ରୀ ମୋଦୀ କହିଛନ୍ତି ବୈଷୟିକ ଜ୍ଞାନ କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଭୂମିକା ନେଇପାରିବ । ସେ କହିଛନ୍ତି ବିଶ୍ୱରେ ଡିଜିଟାଲ୍ କ୍ଷେତ୍ରରେ ତାରତମ୍ୟ ବିଷୟରେ ସେ ଶୁଣିଥିଲେ । ସେବେଠାରୁ ଭାରତରେ ତାହା ହେବାକୁ ନ ଦେବା ପାଇଁ ସେ ସଂକଳ୍ପ ନେଇଥିଲେ ।

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ସେ କହିଛନ୍ତି ଯଦି ଆମେ ଆଳସ୍ୟପରାୟଣ ହୋଇ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ର ବ୍ୟବହାର କରିବା ତା'ହେଲେ ଏହା ଭୁଲ୍ କାର୍ଯ୍ୟ ହେବ । ସେ କହିଛନ୍ତି ଯଦି ଆମେ ଏହାକୁ ଏକ ମ୍ୟାଜିକ୍ ଟୁଲ୍ ଭାବେ ବ୍ୟବହାର କରିବା ତାହା ମଧ୍ୟ ବହୁତବଡ଼ ଅନ୍ୟାୟ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏକ ଅତି ଉତ୍ତମ ବ୍ୟବସ୍ଥା, କିନ୍ତୁ ବିନା ତାଲିମରେ ଏହାର ଅପବ୍ୟବହାର ହେବାର ସମ୍ଭାବନା ରହିଛି ।

ସ୍ୱାସ୍ଥ୍ୟ ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଗ୍ରାମ ଗୁଡ଼ିକରେ ୨ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି ଓ ସେହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ବଡ଼ବଡ଼ ହସ୍ପିଟାଲ ସହ ସଂଯୋଗ କରାଯାଇଛି । ସେ କହିଛନ୍ତି ଭାରତ ବୈଷୟିକ ଜ୍ଞାନକୁ ଲୋକମାନଙ୍କ ପାଖରେ ପହଞ୍ଚାଇଛି । ଏହା

ଉପରେ କାହାର ଏକାଧିକାର ରହିନାହିଁ । ସେ କହିଛନ୍ତି ଏହା ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା  ସାବ୍ୟସ୍ତ ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ଡାଟା ସୁରକ୍ଷା ସବୁଠୁ ବଡ଼ ଚିନ୍ତାର ବିଷୟ ହୋଇପଡ଼ିଛି । ଭାରତରେ ଏଥିପାଇଁ କଠୋର ଆଇନ ଥିଲେ ମଧ୍ୟ ଜନସଚେତନତା ଅପରିହାର୍ଯ୍ୟ । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତରେ ଅଧିକରୁ ଅଧିକ ମହିଳା ବୈଷୟିକ ଜ୍ଞାନର ବ୍ୟବହାର କରୁଛନ୍ତି । **ନମୋ ଡ୍ରୋନ୍ ଦିଦି  ଯୋଜନା** ସଫଳ ରହିଛି । ସେ କହିଛନ୍ତି **ନମୋ ଡ୍ରୋନ୍ ଦିଦିମାନଙ୍କ** ସହ ତାଙ୍କର ବାର୍ତ୍ତାଳାପ ପରେ ସେମାନଙ୍କର ମନୋଭାବରେ ଅଭୂତପୂର୍ବ ପରିବର୍ତ୍ତନ ଆସିଥିବାର ସେ ଜାଣିବାକୁ ପାଇଛନ୍ତି ।

# ଏମ୍‌ପି ନୋମିନେସନ

ମଧ୍ୟପ୍ରଦେଶରେ ୬ଟି ଲୋକସଭା ଆସନ ପାଇଁ ୧୦୭ଜଣ ପ୍ରାର୍ଥୀଙ୍କ ମନୋନୟନ ପତ୍ର ବୈଧ ଥିବାର ଜଣାଯାଇଛି । ପ୍ରଥମ ପର୍ଯ୍ୟାୟରେ ସେହି ୬ଟି ଆସନରେ ମତଦାନ ହେବ। ଆଉ ୬ ଜଣ ପ୍ରାର୍ଥୀଙ୍କର ମନୋନୟନ ପତ୍ର ନାକଚ ହୋଇଯାଇଛି । ଆସନ୍ତାକାଲି ସୁଦ୍ଧା ପ୍ରାର୍ଥୀମାନେ ସେମାନଙ୍କର ମନୋନୟନପତ୍ର ପ୍ରତ୍ୟାହାର କରିପାରିବେ । ଏପ୍ରିଲ୍ ୧୯ ତାରିଖରେ ଏହି ପର୍ଯ୍ୟାୟରେ ମତଦାନ ହେବ । ସେହି

ଆସନ ଗୁଡ଼ିକ ହେଲା– ସିଦ୍ଧି, ସାହାଡୋଲ୍, ଜବଲପୁର, ମାଣ୍ଡ୍ଲା, ବାଲାଘାଟ ଓ ଛିନ୍ଦୱାଡା ।

## ଜେକେ ପ୍ରୋଫାଇଲ୍

ଜାମ୍ମୁ କାଶ୍ମୀରରେ ଯୁବା ବିଶେଷକରି ଯେଉଁମାନେ ପ୍ରଥମଥର ପାଇଁ ମତଦାନ କରୁଛନ୍ତି, ସେମାନେ ନିର୍ବାଚନକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ଜାମ୍ମୁ କାଶ୍ମୀରରେ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନିଶ୍ଚିତ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି । ଜାମ୍ମୁ କାଶ୍ମୀରର ଲୋକସଭା ଆସନ ସଂଖ୍ୟା ହେଉଛି ୫ ।

ଦେଶର ଅନ୍ୟାନ୍ୟ ଭାଗ ଭଳି ଜାମ୍ମୁ କାଶ୍ମୀରରେ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ସରଗରମ ହେବାରେ ଲାଗିଛି । ସେଠାରେ ୫ଟି ପର୍ଯ୍ୟାୟରେ ମତଦାନ ହେବ । ପ୍ରଥମ ପର୍ଯ୍ୟାୟରେ ଉଧମପୁର ଆସନରେ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଜାମ୍ମୁ ଆସନରେ ମତଦାନ ହେବ । ତୃତୀୟ ପର୍ଯ୍ୟାୟରେ କାଶ୍ମୀର ଉପତ୍ୟକାରେ ଅନନ୍ତନାଗ-ରାଜୌରୀ ଆସନରେ ମତଦାନ ହେବ ।

ସେହିଭଳି ଚତୁର୍ଥ ପର୍ଯ୍ୟାୟରେ ଶ୍ରୀନଗର ଆସନରେ ମତଦାନ ହେବ । ପଞ୍ଚମ ପର୍ଯ୍ୟାୟରେ ବାରମୂଲା ଆସନରେ ମତଦାନ ହେବ । ବର୍ତ୍ତମାନ ସୁଦ୍ଧା ଉଧମପୁର ଆସନରୁ ୧୫ ଜଣ ପ୍ରାର୍ଥୀ ମନୋନୟନ ପତ୍ର

ଦାଖଲ କରିଛନ୍ତି । ସେମାନେ ବିଜେପି, କଂଗ୍ରେସ, DPAP ଓ ଅନ୍ୟ ଦଳ ଗୁଡ଼ିକରୁ ରହିଛନ୍ତି ।

ବିଜେପି ନେତା ଜିତେନ୍ଦ୍ର ସିଂ ଓ କଂଗ୍ରେସ ନେତା ଲାଲ୍ ସିଂ ଙ୍କ ଭଳି ବଡ଼ବଡ଼ ନେତାମାନେ ପ୍ରଥମ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଗତକାଲି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ଜାରି ହୋଇଛି । ଏହି ପର୍ଯ୍ୟାୟରେ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ ସମେତ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ମନୋନୟନ ପତ୍ର ଦାଖଲ କରିବାର ଆଶା କରାଯାଉଛି । ଜାମ୍ମୁ କାଶ୍ମୀରରେ ୮୬ ଲକ୍ଷ ୯୪ ହଜାର ୯୯୨ ଜଣ ପଞ୍ଜୀକୃତ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରେ ୩ ଲକ୍ଷ ୪୦ ହଜାର ଭୋଟର ପ୍ରଥମଥର ପାଇଁ ମତଦାନ କରିବେ । ମହିଳା ଭୋଟରମାନଙ୍କ ସଂଖ୍ୟା ୪୨ ଲକ୍ଷ ଅଣଷଠୀ ହଜାର ୮୨ ରହିଛି । ମୋଟ୍ ୧୧ ହଜାର ୬୨୯ଟି ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି ।

## ଗୁଡ୍ ଫ୍ରାଇଡେ

ଆଜି ସମଗ୍ର ବିଶ୍ୱରେ ଗୁଡ୍ ଫ୍ରାଇଡେ ପାଳିତ ହେଉଛି । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର କୃଶବିଧକୁ ଗୁଡ୍ ଫ୍ରାଇଡେ ଭାବେ ପାଳନ କରାଯାଇଥାଏ । ଏହି ଦିନ ଯୀଶୁଖ୍ରୀଷ୍ଟ ମାନବ ଜାତିର ମଙ୍ଗଳ ପାଇଁ ନିଜର ଜୀବନକୁ ବଳିଦାନ ଦେଇଥିଲେ । ଇଷ୍ଟର ସନ୍‌ଡେ ର ପୂର୍ବରୁ ଗୁଡ୍ ଫ୍ରାଇଡେ ପାଳନ

କରାଯାଇଥାଏ । ଇଷ୍ଟର୍ ସନ୍‌ଡେ ରେ ଯୀଶୁଖ୍ରୀଷ୍ଟ ପୁନର୍ଜନ୍ମ ଲାଭ କରିଥିଲେ । ଗୁଡ୍ ଫ୍ରାଇଡେ ଅବସରରେ ଚର୍ଚ୍ଚ ଓ ଚାପେଲ୍ ଗୁଡ଼ିକରେ ସାମୂହିକ ପ୍ରାର୍ଥନା କରାଯାଇଛି । ଏହା ହୋଲି ଫ୍ରାଇଡେ, ଗ୍ରେଟ୍ ଫ୍ରାଇଡେ, ବ୍ଲାକ୍ ଫ୍ରାଇଡେ ଓ ଇଷ୍ଟର ଫ୍ରାଇଡେ ଭାବେ ଜଣାଶୁଣା ।

# ପିଏମ୍ ଗୁଡ୍ ଫ୍ରାଇଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଡ୍ ଫ୍ରାଇଡେ ଅବସରରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରି ଶ୍ରୀ ମୋଦୀ କହିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ମହାନ ବଳିଦାନକୁ ମାନବ ଜାତି ସର୍ବଦା ସ୍ମରଣ କରିବ । ଗୁଡ୍ ଫ୍ରାଇଡେ ଅବସରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭୁ ଯୀଶୁଙ୍କର ବଳିଦାନରୁ ଶକ୍ତି ସଂଗ୍ରହ କରିବେ ବୋଲି ସେ କାମନା କରିଛନ୍ତି ।

# ଜୟଶଙ୍କର ୟୁକ୍ରେନ୍ ଏଫ୍‌ଏମ୍

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଦିମିତ୍ରୋ କୁଲେବା ଙ୍କ ସହ ନୂଆଦିଲ୍ଲୀରେ କଥାବାର୍ତ୍ତା କରିଛନ୍ତି । ଉଭୟ ମନ୍ତ୍ରୀ ଦ୍ୱିପକ୍ଷୀୟ ଭାଗିଦାରୀ ସଂପର୍କ ଓ ସହଯୋଗ ଉପରେ ମତ ବିନିମୟ କରିଛନ୍ତି । ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଭାରତକୁ ୨ ଦିନ ଗସ୍ତରେ

ଆସିଛନ୍ତି । ଏଥିପାଇଁ ତାଙ୍କୁ ଶ୍ରୀ ଜୟଶଙ୍କର ଆମନ୍ତ୍ରଣ କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବେ ।

## ତେଲଙ୍ଗାନା ଫୋନ୍ ଟ୍ୟାପିଙ୍ଗ୍

ତେଲଙ୍ଗାନାରେ ପୂର୍ବତନ DCP ରାଧାକ୍ରିଷ୍ଣନ୍ ଓ ଅନ୍ୟ ପୋଲିସ୍ ଅଫିସରମାନଙ୍କୁ ଗତକାଲି ଠାରୁ ଜେରା କରାଯାଉଛି । କିଛି କମ୍ପ୍ୟୁଟର ସିଷ୍ଟମ୍ ଓ ଅଫିସିଆଲ୍ ଡାଟା ନଷ୍ଟ କରାଯିବା ସମ୍ବନ୍ଧୀୟ ମାମଲାରେ ଏହି ଜେରା କରାଯାଉଛି । DCP ରାଧାକ୍ରିଷ୍ଣନ କମିଶନର ଟାସ୍କଫୋର୍ସରେ ଥିଲେ । ସ୍ପେଶାଲ୍ ଇଣ୍ଟେଲିଜେନ୍ସ ବ୍ୟୁରୋ DSP ଡି. ପ୍ରଣୀତ ରାଓ ଙ୍କୁ ଚଳିତ ମାସ ପ୍ରାରମ୍ଭରେ ସସ୍‌ପେଣ୍ଡ କରାଯାଇଥିଲା ଓ ଗିରଫ କରାଯାଇଥିଲା । ସେ କିଛି ବ୍ୟକ୍ତିଙ୍କର ପ୍ରୋଫାଇଲ୍ ପ୍ରସ୍ତୁତ କରି ଗୋପନୀୟ ଭାବେ ସେମାନଙ୍କ ଉପରେ ନଜର ରଖୁଥିଲେ । ଏହା ଆଇନ ଅନୁସାରେ ଅବୈଧ ବିବେଚନା କରାଯାଉଛି । ସେ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ରୁ ଗୁଇନ୍ଦା ତଥ୍ୟ ଉଡ଼େଇ ଦେଇଥିବାର ଅଭିଯୋଗ ହୋଇଥିଲା । ୨ ଜଣ ଅତିରିକ୍ତ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ଙ୍କୁ ପ୍ରଣୀତ ରାଓଙ୍କ ସହ ଗିରଫ କରାଯାଇଛି । ସେମାନେ ପ୍ରଣୀତ ରାଓଙ୍କ ସହିତ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ । ଏହି ମାମଲାରେ ଏପର୍ଯ୍ୟନ୍ତ ୩ ଜଣ ପୋଲିସ୍ ଅଫିସର ଗିରଫ ହୋଇଛନ୍ତି ।

ଅତିରିକ୍ତ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ଙ୍କ ଅଭିଯୋଗକୁ ଭିତ୍ତି କରି ପ୍ରଣୀତି ରାଓ ଓ ଅନ୍ୟମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଥିଲା ।

# ଡିଓଟି କଲ୍ସ

ଟେଲି ଯୋଗାଯୋଗ ବିଭାଗ ଦେଶର ନାଗରିକମାନଙ୍କୁ ଏକ ପରାମର୍ଶ ଜାରି କରିଛି । ଲୋକମାନଙ୍କ ପାଖକୁ କଲ୍ କରାଯାଇ ସେମାନଙ୍କର ମୋବାଇଲ୍ ନମ୍ବର ଡିସ୍‌କନେକ୍ଟ କରିଦିଆଯିବା ବିଷୟରେ ଧମକ ଦିଆଯାଉଥିବାର ଟେଲି ଯୋଗାଯୋଗ ବିଭାଗ କହିଛି । ସେହି କଲ୍ ଗୁଡ଼ିକ ଟେଲି ଯୋଗାଯୋଗ ବିଭାଗ ନାମରେ କରାଯାଉଛି । କିଛି ବିଦେଶୀ ନମ୍ବରରୁ କଲ୍ କରାଯାଉଥିବାର ଟେଲି ଯୋଗାଯୋଗ ବିଭାଗ କହିଛି । ଏଭଳି କଲ୍ ଗୁଡ଼ିକ ମାଧ୍ୟମରେ ସାଇବର ଅପରାଧୀମାନେ ଧମକ ଦେବା ଓ ବ୍ୟକ୍ତିଗତ ତଥ୍ୟ ଚୋରାଇବାକୁ ଉଦ୍ୟମ କରୁଛନ୍ତି । ସେମାନେ ମଧ୍ୟ ଆର୍ଥିକ ଠକେଇ କରିବା ପାଇଁ ଏଭଳି କଲ୍ ମାନ କରୁଛନ୍ତି । ଟେଲିଯୋଗାଯୋଗ ବିଭାଗ କହିଛି ଏଭଳି କଲ୍ କରିବା ପାଇଁ କାହାରିକୁ ଅନୁମତି ଦିଆଯାଇ ନାହିଁ । ସେ ଦୃଷ୍ଟିରୁ ଲୋକମାନେ ଏଥିପ୍ରତି ଅଧିକ ସତର୍କ ରହିବାକୁ ଟେଲିଯୋଗାଯୋଗ ବିଭାଗ କହିଛି । ଏଭଳି କଲ୍ ଆସିବା ସମୟରେ www.sancharsaathi.gov.in ରେ ଅଭିଯୋଗ କରିବାକୁ ଟେଲି ଯୋଗାଯୋଗ ବିଭାଗ କହିଛି ।

# ମୁକ୍ତାର ଅନ୍‌ସାରୀ ଡାଏଡ୍

ଅପରାଧୀରୁ ରାଜନୈତିକ ନେତା ରହିଥିବା ମୁକ୍ତାର ଅନ୍‌ସାରୀଙ୍କର ଉତ୍ତରପ୍ରଦେଶର ବାନ୍ଦା ମେଡ଼ିକାଲ କଲେଜ ହସ୍ପିଟାଲରେ ଗତରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ସେ ଜେଲ୍‌ରେ ଥିଲେ । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ୬୩ ବର୍ଷ ବୟସ୍କ ମୁକ୍ତାର ଅନ୍‌ସାରୀ ୫ ଥର ବିଧାୟକ ଥିଲେ । ୨୦୦୫ରୁ ସେ ଜେଲ୍‌ରେ ଥିଲେ । ଆମ ସମ୍ବାଦଦାତା ଜଣାଇଛନ୍ତି ମେଡ଼ିକାଲ ବୁଲେଟିନ୍ ଅନୁସାରେ ତାଙ୍କୁ ରାଣୀ ଦୁର୍ଗାବତୀ ମେଡ଼ିକାଲ କଲେଜକୁ ସଂଜ୍ଞାହୀନ ଅବସ୍ଥାରେ ନିଆଯାଇଥିଲା । ଜେଲ୍‌ରେ ଥିବା ବେଳେ ସେ ବାନ୍ତି କରିଥିଲେ । ତାଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିଲା । କିନ୍ତୁ ଡାକ୍ତରମାନଙ୍କ ଉଦ୍ୟମ ସତ୍ତ୍ୱେ ତାଙ୍କର ଜୀବନ ରକ୍ଷା କରାଯାଇ ପାରି ନଥିଲା ।